# ଢେଙ୍କାନାଳ ସହରକୁ ଆସିଲା ୯୧୫ ପ୍ୟାକେଟ୍ ଆଳୁ


ଟ୍ରକ୍ ଯୋଗେ ଢେଙ୍କାନାଳ ସହରରେ ଆଳୁ ପହଞ୍ଚିଛି।

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ସହରରୁ ଦୁଇଦିନ ଧରି ଆଳୁ ଗାଏବ ହୋଇଯିବାରୁ ଖାଉଟିମାନେ ହନ୍ତସନ୍ତ ହେଉଥିଲେ। ବିଭିନ୍ନ ସ୍ଥାନରେ ଆଳୁ କଳାବଜାର କରାଯାଇ କିଲୋ ପ୍ରତି ୪୫ରୁ ୬୦ ଟଙ୍କା ମଧ୍ୟରେ ବିକ୍ରି କରାଯାଉଥିଲା। ଖବରପାଇ ଜିଲା ଯୋଗାଣ ବିଭାଗ ପକ୍ଷରୁ ମଧ ଚଢ଼ାଉ କରାଯାଇଥିଲା। ଶନିବାର ସକାଳେ ୨ଜଣ ଆଳୁ ବ୍ୟବସାୟୀଙ୍କ ପାଖକୁ ୨ଟି ଟ୍ରକ୍‌ରେ ୯୧୫ ପ୍ୟାକେଟ୍ (ବସ୍ତା) ଆଳୁ ଆସିଥିଲା। ଏହି ଖବର ଜଣାପଡିବା ପରେ ବିଭିନ୍ନ ଦୋକାନରେ ଆଳୁ ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥିଲା। ଯୋଗାଣ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଗୋଦାମରୁ ଆଳୁ ହୋଲସେଲରମାନେ ବ୍ୟବସାୟୀମାନଙ୍କୁ ପ୍ରଦାନ କରିଥିଲେ। ଏହାପରେ ବଜାରରେ ଆଳୁ କେଜି ପ୍ରତି ୩୪ରୁ ୩୫ଟଙ୍କା ଦରରେ ବିକ୍ରି ହୋଇଥିଲା। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ବିଭାଗ ଅଧିକାରୀ ବସନ୍ତ ପଣ୍ଡା କହିଛନ୍ତି, ଶନିବାର ସକାଳେ ୨ଟି ଟ୍ରକରେ ୯୧୫ ପ୍ୟାକେଟ୍ ଆଳୁ ପହଞ୍ଚିବା ପରେ ଖାଉଟିମାନେ ଆଶ୍ୱସ୍ତ ହୋଇଛନ୍ତି। ପ୍ରଥମେ ପୌରାଞ୍ଚଳରେ ବ୍ୟବସାୟୀମାନଙ୍କୁ ଆଳୁ ପ୍ରଦାନ କରାଯାଇଥିଲା। ଏହାପରେ ବିଭିନ୍ନ ବ୍ଲକକୁ ଆଳୁ ପଠାଯାଇଥିଲା। କେଜି ପ୍ରତି ୩୪ ଟଙ୍କାରେ ବିକ୍ରି କରାଯାଇଛି। ଆଳୁ ଆସିବା ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଣିକି ଆଳୁ ଅଭାବ ରହିବନି ଆଶା କରୁଛୁ ବୋଲି ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରକାଶ କରିଛନ୍ତି।

### ଦୋକାନ ଆଗରେ ଖାଉଟିଙ୍କ ଭିଡ଼

# କାର୍‌ଗିଲ ବିଜୟ ଦିବସ ପାଳନ

**ଭୁବନ,୨୭।୭(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନରେ ଶନିବାର କାର୍‌ଗିଲ ବିଜୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା କରିଥିଲେ। ଭୁବନ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ସ୍ମୃତିପୀଠ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ୩୦୦ ମିଟରରୁ ଅଧିକ ଲମ୍ବର ତ୍ରିରଙ୍ଗା ପତାକାକୁ ଛାତ୍ରୀଛାତ୍ରମାନେ ଧରି ସହର ପରିକ୍ରମା କରିଥିଲେ। ସେଥିରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଅତିଥିଭାବେ ଯୋଗଦେଇଥିଲେ। କାଳୀବଜାରଠାରେ ଥିବା ବାଜି ରାଉତ ସ୍ମୃତି ପୀଠରେ ମାଲ୍ୟାର୍ପଣ କରିବା ସହିତ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଛାତ୍ରୀଛାତ୍ର, ଯୁବତୀ ଯୁବକ ଓ ବରିଷ୍ଠ ନାଗରିକମାନେ ଯୋଗଦେଇ ବିଜୟ ଉତ୍ସବକୁ ପାଳନ କରିଥିଲେ। ପ୍ରାରମ୍ଭରେ ମାତୃଭୂମି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଅମର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ବୀରପୁତ୍ରମାନଙ୍କ ବଳିଦାନକୁ ମନେ ପକାଇ ଅଞ୍ଚଳବାସୀ ଗର୍ବ ଅନୁଭବ କରି ଭାରତ ମାତାର ଜୟଗାନ କରିଥିଲେ।



# ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦିଗାମ୍ବରପୁର ପଞ୍ଚାୟତର ନୂଆଗଡ଼ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଶନିବାର 'ଏକ୍ ପେଡ୍ ମା' କେ ନାମ'ରେ ଚାରା ରୋପଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପରିବେଶ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ଅଭୟ କୁମାର ଶତପଥୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶବିତ୍ ବିଜୟ କୁମାର ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋଟିଏ ଗୋଟିଏ ଚାରା ରୋପଣ କରି ପରିବେଶକୁ ସୁରକ୍ଷିତ ରଖିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ରଶ୍ମିବାଳା ସାମଲ ଓ ଶିକ୍ଷକ ଅରୁଣ କୁମାର ଧରୁଆ ପ୍ରମୁଖ ସହଯୋଗ କରିଥିଲେ।


ନୂଆଗଡ଼ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ସପ୍ତାହ ପାଳନ କରାଯାଉଛି।

# ପୂର୍ବତନ ସୈନିକ ସଂଘ ପକ୍ଷରୁ କାର୍‌ଗିଲ ବିଜୟ ଦିବସ


ପୂର୍ବତନ ସୈନିକ ସଂଘ ପକ୍ଷରୁ କାରଗିଲ ବିଜୟ ଦିବସ ପାଳନ କରାଯାଉଛି।

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଜିଲାର ପୂର୍ବତନ ସୈନିକ ସଂଘ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ୨୫ତମ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ସନ୍ଧ୍ୟା ୬ଟାରେ ସଂଘ ସଦସ୍ୟମାନେ ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ସ୍ମୃତିସ୍ତମ୍ଭଠାରେ କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସେମାନଙ୍କ ବୀରତ୍ୱର ସ୍ମୃତିଚାରଣ କରିଥିଲେ। ଏହି ଯୁଦ୍ଧରେ ବୀର ଯବାନ ସୁବାସ ଚନ୍ଦ୍ର ହୋତା, ନିଶାକର ରାଉତ ଓ ସୂର୍ଯ୍ୟ ନାରାୟଣ ମିଶ୍ର ସାମିଲ ଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ ଯବାନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂଘ ସଭାପତି କୈଳାସଚନ୍ଦ୍ର ରାଉତ ଉତ୍ସବ ପରିଚାଳନା କରିଥିଲେ। ଉପଦେଷ୍ଟା ଦୁର୍ଯ୍ୟୋଧନ ବେହେରା, ଉପସଭାପତି ବିମଳ କୁମାର ଶତପଥୀ, ବିଭୂତି ଭୂଷଣ ନନ୍ଦ, ସମ୍ପାଦକ ସୁବାସ ଚନ୍ଦ୍ର ହୋତା, ବଟକୃଷ୍ଣ ସାହୁ, କୋଷାଧ୍ୟକ୍ଷ ଅଖିଳ କୁମାର ରାଉତ, ମହେଶ୍ୱର ମହାନ୍ତି, ଦେବେନ୍ଦ୍ର ହୋତା, ଶ୍ୟାମସୁନ୍ଦର ରଣା, ମାନସ ରଞ୍ଜନ ପଣ୍ଡା ଓ ପ୍ରଭାକର ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

# ରୁଙ୍ଗ୍‌ଟା କାରଖାନାରେ ଛୋଟ ବିସ୍ଫୋରଣ

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖାଡ଼ବନ୍ଧ ଗ୍ରାମରେ ଥିବା ରୁଙ୍ଗ୍‌ଟା କାରଖାନାରେ ଶନିବାର ଅପରାହ୍ନରେ ଏକ ଛୋଟ ଧରଣର ବିସ୍ଫୋରଣ ହୋଇଥିଲା। ତେବେ ବିସ୍ଫୋରଣ ସମୟରେ ଘଟଣାସ୍ଥଳରେ କାରଖାନାରେ କୌଣସି ଅଧିକାରୀ, କର୍ମଚାରୀ, ଶ୍ରମିକ ନ ଥିଲେ। ତେଣୁ ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବା କମ୍ପାନୀ ସୂତ୍ରରୁ ପ୍ରକାଶ। ମେଣ୍ଟେନାନ୍ସ କାମ ଚାଲିଥିବା ବେଳେ ଫର୍ନେସ ତଳେ ପଙ୍କଚର ହୋଇ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ତେବେ ବିସ୍ଫୋରଣ ସଂକେତ ପାଇବା ପରେ ଆଲାରାମ ବାଜିବାରୁ ବିପଦ ଟଳି ଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ କାରଖାନାରେ ବିସ୍ଫୋରଣ ଘଟି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା।


ରୁଙ୍ଗ୍‌ଟା କାରଖାନାରେ ବିସ୍ଫୋରଣ ସମୟର ଦୃଶ୍ୟ।

# ଶିଶୁମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**କାମାକ୍ଷାନଗର,୨୭।୭(ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଳତୁମା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ସାହୁ ମୁଖ୍ୟଅତିଥି, ବାଇସିଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ବେହେରା ମୁଖ୍ୟବକ୍ତା, ପରିଚାଳନା କମିଟି ସଭ୍ୟା ସନ୍ଧ୍ୟାରାଣୀ ବରାଳ, ସୁଶୀଳା ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ୱତନ୍ତ୍ର ବର୍ଗରେ ମୋଟ ୫୬ଟି ଗଣିତ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଜିଲା ବିଜ୍ଞାନ ସୁପରଭାଇଜର ଲକ୍ଷ୍ମୀକାନ୍ତ ମହାନ୍ତ ମୁଖ୍ୟଅତିଥି ଓ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିପ୍ର ଚରଣ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୨ ଜଣ ବିଚାରକ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ।



# ଚାରା ରୋପଣ ଜରିଆରେ ପର୍ଯ୍ୟାବରଣ ସେବା


ଭାରତ ବିକାଶ ପରିଷଦ ପକ୍ଷରୁ ଚାରା ରୋପଣ କରାଯାଉଛି।

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଭାରତ ବିକାଶ ପରିଷଦ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସହଯୋଗରେ ସୁନ୍ଦରିଖାଲ ବିଦ୍ୟାମନ୍ଦିର ପରିସରରେ ଚାରା ରୋପଣ କରାଯାଇଛି। ପରିଷଦ କାର୍ଯ୍ୟକର୍ତ୍ତାଙ୍କ ସମେତ ବିଦ୍ୟାମନ୍ଦିର ସଭାପତି ତଥା ପରିଷଦର ପ୍ରାନ୍ତ ଉପାଧ୍ୟକ୍ଷ (ପର୍ଯ୍ୟାବରଣ) ବାବୁଚାନ୍ଦ ମହାଲିକ, ସମ୍ପାଦକ ଗଗନ ବିହାରୀ ନାୟକ, ପ୍ରଧାନ ଆଚାର୍ଯ୍ୟ ନଗେନ ଦାସ, ସହ ପ୍ରଧାନ ଆଚାର୍ଯ୍ୟା ଅରୁନ୍ଧତୀ ମହାପାତ୍ର, ପର୍ଯ୍ୟାବରଣ ପ୍ରମୁଖ ବିଭୂତି ମିଶ୍ର, ଅନ୍ୟ ଆଚାର୍ଯ୍ୟ, ସ୍କାଉଟ୍ସ, ଗାଇଡ୍ସ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ଚାରା ରୋପଣ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମଣ୍ଟଫର୍ଟ ସ୍କୁଲ ନିକଟ ମହିଷାପାଟ ଶ୍ମଶାନ ପରିସରରେ ପ୍ରବୀର ମହାନ୍ତିଙ୍କ ସହଯୋଗରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଉଭୟ କାର୍ଯ୍ୟକ୍ରମରେ ପରିଷଦ ପ୍ରାନ୍ତ ପର୍ଯ୍ୟାବରଣ ଉପାଧ୍ୟକ୍ଷ, ଜିଲା ସଭାନେତ୍ରୀ ଡ. ସୁଚେତା ମିଶ୍ର, ପୃଷ୍ଟପୋଷକ ଡ. ସମୀର ସାହୁ, ଜିଲା ଉପାଧ୍ୟକ୍ଷା ଉଷାରାଣୀ ଦାସ, କୋଷାଧ୍ୟକ୍ଷ ଆନନ୍ଦ ଲେଙ୍କାଙ୍କ ସମେତ ସଦସ୍ୟ ନବଦୀପ ନାୟକ, ସବ୍ୟସାଚୀ ପଟ୍ଟନାୟକ, ସବିତା ଧୀର, ଅନିଲ ରାଉତ, ମାନସ ମହାପାତ୍ର, ସମୀର ପରିଡ଼ା, ସବିତା ଧୀର, ମୋନାଲିସା ମାହୁନ୍ତ, ଡ. କବିତା ମହାନ୍ତି, ଯାମିନୀ କାନ୍ତ ଦାସ, ଦୀପକ ପଟ୍ଟନାୟକ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ସମାପନ କରିଥିଲେ।

# ବଜାର, ସାପ୍ତାହିକ ହାଟରୁ ଆଳୁ ଗାଏବ

**ଓଡ଼ାପଡ଼ା,୨୭।୭ (ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ବଜାର ଓ ଶନିବାର ସାପ୍ତାହିକ ହାଟରୁ ଆଳୁ ଗାଏବ ହୋଇଯାଇଛି। ଆଳୁର ଅଭାବ ଓ ଦର ବୃଦ୍ଧି ଯୋଗୁ ଅନେକ ବ୍ୟବସାୟୀ ଆଳୁ ବିକ୍ରି ପାଇଁ ଆଣୁ ନ ଥିବା କହିଛନ୍ତି। କେତେଜଣ ବ୍ୟବସାୟୀ କହିଛନ୍ତି, ଆଳୁ କେଜି ପିଛା ୩୭ ଟଙ୍କାରେ କିଣାଯାଉଛି। ହେଲେ ସରକାର ୩୨ ଟଙ୍କାରେ ବିକ୍ରି କରିବାକୁ କହୁଛନ୍ତି। ତେଣୁ କ୍ଷତି ହେବା ଆଶଙ୍କାରେ ଆଣୁ ଆଣୁ ନ ଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ସେହିପରି କିଛିଦିନ ଧରି ଅତ୍ୟାବଶ୍ୟକ ସାମଗ୍ରୀ ସହିତ ପନିପରିବା ଦର ବୃଦ୍ଧିକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ଆଳୁ ଦର ବୃଦ୍ଧି ପାଇଥିବାରୁ ଏ ନେଇ ଖାଉଟି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରାଜ୍ୟ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କିଲୋ ପ୍ରତି ୩୨ ଟଙ୍କାରେ ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଅଧିକ ଦରରେ ବିକ୍ରି କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବାରୁ ବଜାରରେ ପୂର୍ବପରି ଆଳୁ ବିକ୍ରି ହେଉନାହିଁ। ଶନିବାର ଖାଉଟିମାନେ ଆଳୁ ନ ପାଇ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଛି।



# ଇକୋ କ୍ଲବ ଓ ପୋଷଣ ଦିବସ ପାଳିତ

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ସୁଲକ୍ଷଣାଦେବୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଶିକ୍ଷା ଶପଥ ସପ୍ତାହ ପାଳନର ଷଷ୍ଠ ଦିବସରେ ଇକୋ କ୍ଲବ ଓ ପୋଷଣ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମିନତି ଦେହୁରୀ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ବିଦ୍ୟାଳୟର ପିଲାମାନେ ଶରୀରର ଠିକ୍ ପୋଷଣ ନିମନ୍ତେ ହିତକର ଖାଦ୍ୟମାନ ପ୍ରଦର୍ଶିତ କରିଥିଲେ। ନିଜେ ଆଣିଥିବା ଖାଦ୍ୟ ପଦାର୍ଥର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏହାପରେ ଇକୋ କ୍ଲବ କାର୍ଯ୍ୟକ୍ରମରେ ୧୦ମ ଶ୍ରେଣୀ ପିଲାମାନଙ୍କ ଦ୍ୱାରା ଗଛର ଉପକାରିତା ଉପରେ ଏକ ସୁନ୍ଦର ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ବକ୍ତୃତା ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗଛର ଉପକାରିତା ସମ୍ପର୍କରେ ବୁଝାଇବା ସହିତ ପିଲାମାନଙ୍କୁ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ମା ପାଇଁ ଗଛଟିଏ ନାରାରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟିର ସଦସ୍ୟ ବିଦ୍ୟାଳୟ ପରିସରରେ ନିମ୍ବ, ଅଁଳା ଓ ଆମ୍ବ ଚାରା ଲଗାଇଥିଲେ। ପ୍ରଥମରୁ ୫ମ ଶ୍ରେଣୀ ପିଲାଙ୍କ ପାଇଁ ଆସ ଗପ ଶୁଣିବା ଓ କହିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଇକୋ କ୍ଲବ ଓ ପୋଷଣ ଦିବସ ପାଳନ କରାଯାଉଛି।

# ଭାଜପା ଯୁବମୋର୍ଚ୍ଚାର ମଶାଲ, ତ୍ରିରଙ୍ଗା ଯାତ୍ରା

### କାର୍‌ଗିଲ ବିଜୟ ଦିବସ ପାଳନ

**ଢେଙ୍କାନାଳ,୨୭।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଭାଜପା ଯୁବମୋର୍ଚ୍ଚା ତରଫରୁ ୨୫ତମ କାର୍‌ଗିଲ ବିଜୟ ଦିବସ ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମାଙ୍କ ନେତୃତ୍ୱରେ ଶନିବାର ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ବାଜିଚୌକଠାରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ୧୯୯୯ ମସିହା କାର୍‌ଗିଲ ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ଶହୀଦ ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ବିଜୟ ମଶାଲ ପ୍ରଜ୍ୱଳନ କରି ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ବିଜୟ ମଶାଲକୁ ହାତରେ ଧରି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ବିଜୟ ତ୍ରିରଙ୍ଗା ଶୋଭାଯାତ୍ରା ବାଜିଚୌକ ଠାରୁ ସହରର ମୁଖ୍ୟ ରାସ୍ତା ଦେଇ ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ପହଞ୍ଚିବା ପରେ ସେଠାରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଓ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁନୀଲ ଶର୍ମା, ରତିକାନ୍ତ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ, ଶାନ୍ତି ଭୂଷଣ ପଣ୍ଡା, ଅକ୍ଷୟ କୁମାର ମହାନ୍ତି, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ରାଉତ, ଡମ୍ବରୁ ପାତ୍ର, ଉପସଭାପତି ରଞ୍ଜିତ ବିଶ୍ୱାଳ, ଦେବାଶିଷ ମହାନ୍ତି, ସୁଚିତ୍ର ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଯୁବମୋର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଭାଜପା ଯୁବମୋର୍ଚ୍ଚା ତରଫରୁ କାର୍‌ଗିଲ ବିଜୟ ଶୋଭାଯାତ୍ରା ।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ଟ୍ରକ୍ ମାଲିକ



କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଟ୍ରକ୍‌ମାଲିକମାନେ।

**ଛେଣ୍ଡିପଦା,୨୭।୭ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକରେ କାର୍ଯ୍ୟକ୍ଷମ ଥିବା ୨ କୋଇଲା ଖଣିରେ ଛେଣ୍ଡିପଦା ଟ୍ରକ୍ ମାଲିକମାନଙ୍କ ଟ୍ରକ୍‌ଗୁଡ଼ିକ ଲୋର୍ଡିଂ ଦିଆଯାଉ ନାହିଁ। ଦୀର୍ଘ ୬ ମାସ ହେବ ଏଥିପାଇଁ ଟ୍ରକ୍ ମାଲିକମାନେ ସଂଗ୍ରାମ ଜାରି ରଖିଥିବା ବେଳେ ଅର୍ଥନୈତିକ ଅବରୋଧ ଲାଗି ଚେତାବନୀ ମଧ ଦେଇଛନ୍ତି। କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଶନିବାର ଅନୁଗୋଳ ସ୍ଥିତ ନାଲ୍‌କୋ ପରିଦର୍ଶନ ପାଇଁ ଆସିଥିବା ବେଳେ ଛେଣ୍ଡିପଦା ଟ୍ରକ୍ ମାଲିକମାନେ ଲୋର୍ଡିଂକୁ ନେଇ ଥିବା ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନାଲ୍‌କୋ ଗେଷ୍ଟ ହାଉସଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ଟ୍ରକ୍ ମାଲିକମାନେ ଭେଟି ଆଲୋଚନା କରିଥିଲେ। ଛେଣ୍ଡିପଦା ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ପ୍ରସାଦ ବେହେରା ଗାଡ଼ି ମାଲିକମାନେ ନିଜ ବ୍ଲକରେ କୋଇଲା ଖଣି ଥାଇ ଦୁର୍ଦ୍ଦିନରେ ଥିବା ବେଳେ ରାଜ୍ୟ ବାହାରର ଗାଡ଼ିଗୁଡ଼ିକ କୋଇଲା ପରିବହନ କରୁଛନ୍ତି ବୋଲି କହିଥିଲେ। ମନ୍ତ୍ରୀ ସବୁକଥା ଶୁଣିବା ପରେ ଏ ବିଷୟରେ ବୁଝି ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ଦେବା ସମୟରେ ଟ୍ରକ୍ ମାଲିକ ସଂଘ ଦସ୍ୟ କରୁଣାକର ବିଶ୍ୱାଳ, ଜୟନ୍ତ କୁମାର ସାହୁ, ସନ୍ଦୀପ ସାହୁ, ରୂପାୟନ ସାହୁ, ସନ୍ତୋଷ କୁମାର ବେହେରା, ନୃସିଂହ ଚରଣ ଦେହୁରୀ, ସନାତନ ବେହେରା, ଟିକନ ବେହେରା, ରଜତ ସାହୁ, ମନୋଜ କୁମାର ସାହୁ, ଶୁଭେନ୍ଦୁ ସାହୁ, କୃଷ୍ଣଚନ୍ଦ୍ର ବେହେରା, ରାଜୀବ ସାହୁ, ସିତୁନ ପ୍ରଧାନ,ଟୁନା ବେହେରା, ସୁଶୀଲ ସାହୁଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

# ନୂତନ କ୍ୟାମ୍ପସ ପାଇଁ ଭୂମି ପୂଜନ

**କଣିହାଁ,୨୭।୭ (ସଚ୍ଚିଦାନନ୍ଦ ପ୍ରଧାନ)**

କଣିହାଁ ମହାବିଦ୍ୟାଳୟର +୨ ବିଭାଗ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ମାଣ ନିମନ୍ତେ ଶନିବାର ନୂତନ କ୍ୟାମ୍ପସର ଭୂମିପୂଜନ କରାଯାଇଛି। କଣିହାଁ ଗ୍ରାମ ସୀମାନ୍ତ ଟାକୁଆ ଅଞ୍ଚଳରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଏୟୁସିସି ବ୍ୟାଙ୍କ ଅଧ୍ୟକ୍ଷ ସନ୍ତୋଷ କୁମାର ପ୍ରଧାନ, କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ନରେଶ କୁମାର ସିଂହ, ସହକାରୀ ମହାପ୍ରବନ୍ଧକ ଦିନେଶ କୁମାର ମାଳି, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, କଣିହାଁ ସରପଞ୍ଚ ରଞ୍ଜିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ମଦନ ମୋହନ ମହାନ୍ତି ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ସହିତ ବର୍ତ୍ତମାନ ପାଠପଢ଼ା ଚାଲିଥିବା କଣିହାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅତିଥିମାନେ ଅତିରିକ୍ତ ସ୍ମାର୍ଟ ଶ୍ରେଣୀଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ କଣିହାଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଛାତ୍ରୀଛାତ୍ରଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ।


ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୋଠା ନିର୍ମାଣ ନିମନ୍ତେ ଶନିବାର ଭୂମିପୂଜନ ଅବସରରେ ଏମ୍‌ପି ଓ ବିଧାୟକଙ୍କ ସହ ଅନ୍ୟମାନେ।

# ଡିଏମ୍‌ଏସ୍‌ଙ୍କୁ ସାକ୍ଷାତ୍, ସମ୍ବର୍ଦ୍ଧନା

**ତାଳଚେର,୨୭।୭(ମନୋଜ ନନ୍ଦ)**

ତାଳଚେର ସେଣ୍ଟ ଜନ ଆମ୍ବୁଲାନ୍ସ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଭୁବନେଶ୍ୱରର ଡାଇରେକ୍ଟର ମାଇନ୍ସ ସେଫ୍ଟି (ଡିଏମ୍‌ଏସ୍) କ୍ରିଷ୍ଣେନ୍ଦୁ ମଣ୍ଡଳଙ୍କୁ ତାଳଚେର ଜଗନ୍ନାଥ ଏରିଆ ଅତିଥି ଭବନ ଠାରେ ସୌଜନ୍ୟମୂଳକ ସାକ୍ଷାତ କରାଯିବା ସହ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟମାନେ ଏହି ସାକ୍ଷାତ କରିଥିଲେ। ଏହି ସାକ୍ଷାତ ଆଲୋଚନା ବେଳେ ଅନନ୍ତ ଓସିପିର ପ୍ରକଳ୍ପ ଅଧିକାରୀ ହନୁମନ୍ତ ସଖା ସାଲୁଙ୍କେ, ଭୁବନେଶ୍ୱରୀ ପ୍ରକଳ୍ପ ଅଧିକାରୀ ଆର. ଶ୍ରୀରାମ, କଣିହାଁ ପ୍ରକଳ୍ପ ଅଧିକାରୀ ଶିଶିର ଶତପଥୀ ଉପସ୍ଥିତ ଥିଲେ। ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ବ୍ରିଗେଡିୟର ଅକ୍ରମ ବାରିକ, ଚନ୍ଦନ ପ୍ରଧାନ, ଶ୍ରୀକ୍ରିଷ୍ଣା ସାହୁ, ସୁଶାନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।


ସେଣ୍ଟ ଜନ ଆମ୍ବୁଲାନ୍ସ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଡିଏମ୍‌ଏସ୍‌ଙ୍କୁ ସାକ୍ଷାତ କରାଯାଉଛି।

# ମହାବିଦ୍ୟାଳୟ ପରିସରରେ ଚାରା ରୋପଣ


ମହାବିଦ୍ୟାଳୟ ଖେଳପଡ଼ିଆ ରାସ୍ତା ପାର୍ଶ୍ୱରେ ଚାରା ରୋପଣ କରାଯାଉଛି।

**ଅନୁଗୋଳ,୨୭।୭(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ ପାର୍ଶ୍ୱ ରାସ୍ତାର ଉଭୟ ପଟରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧ୍ୟାପକ କ୍ୟାପଟେନ ଡ. ଅଭିମନ୍ୟୁ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଯୁବ ରେଡ଼କ୍ରସର ଉପଦେଷ୍ଟା ଡ. ଶାଶ୍ୱତୀ ଶୁଭଦର୍ଶିନୀ, ସହ ଉପଦେଷ୍ଟା ଡ. ଅନସୂୟା ମିଶ୍ର, ଯୁବ ବାହିନୀର ରୋଭର୍ ଡ. ସୁନୀଲ କୁମାର ତ୍ରିପାଠୀ, ରେଞ୍ଜର ଡ. ସୁଶ୍ରୀ ପ୍ରଜ୍ଞା ପାଣି, ଡ. ପ୍ରଫୁଲ୍ଲ କୁମାର ରାଉତ, ଡ.କାହ୍ନୁ ଚରଣ ପାଢ଼ୀ, ଡ. ବସନ୍ତ କୁମାର ସାହୁ, ଡ. ମନୋରଞ୍ଜନ ମିଶ୍ର, ସୁଶାନ୍ତ କୁମାର ପ୍ରଧାନ, ନବୀନ କିଶୋର ଜେନା, ପବିତ୍ର ମୋହନ ବେହେରା ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏନ୍‌ସିସି, ଏନ୍‌ଏସ୍‌ଏସ୍, ଯୁବ ରେଡ଼କ୍ରସ୍, ରୋଭର୍ସ ଓ ରେଞ୍ଜରସର ଛାତ୍ରୀଛାତ୍ର ମା'ଙ୍କ ନାମରେ ଚାରା ରୋପଣ କରିଥିଲେ।

# ଛେଣ୍ଡିପଦାରେ ବିସ୍ଥାପନ, ନିଯୁକ୍ତି, ଜଳସେଚନ ସମସ୍ୟା

## ବିଧାନସଭାରେ ଦୃଷ୍ଟି ଆକର୍ଷଣ କଲେ ବିଧାୟକ

**ଛେଣ୍ଡିପଦା,୨୭।୭ (ଅଜିତ ଧଳ)**



ଅନୁଗୋଳ ଜିଲା ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଚଳିତ ବିଧାନସଭା ଅଧିବେଶନରେ ଛେଣ୍ଡିପଦା ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଧାୟକ କହିଛନ୍ତି, ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାବେଳେ ଏଠାରେ ଚାଷ କାର୍ଯ୍ୟ ପାଇଁ ଜଳସେଚନର ବ୍ୟବସ୍ଥା ନାହିଁ। ତେଣୁ ଜଳସେଚନ ପ୍ରକଳ୍ପ ନିର୍ମାଣ କରାଗଲେ ଚାଷୀ ଉପକୃତ ହେବେ। ସେହିପରି ଖଣି ଖାଦାନ ଓ ଶିଳ୍ପାଞ୍ଚଳ ହୋଇଥିଲେ ମଧ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦିଆଯାଉନାହିଁ। ତେଣୁ ଅଞ୍ଚଳର ଯୁବକମାନେ କିପରି ନିଯୁକ୍ତି ପାଇବେ ସେ ନେଇ ମନ୍ତ୍ରୀଙ୍କ ଠାରେ ବିଧାୟକ ଦାବି ଉପସ୍ଥାପନା କରିଥିଲେ। ବିସ୍ଥାପିତଙ୍କ ଥଇଥାନ, ଜମି ଅଧିଗ୍ରହଣ, କ୍ଷତିପୂରଣ, ନିଯୁକ୍ତି ଓ ଅନ୍ୟାନ୍ୟ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଅନୁଗୋଳରେ ଚକବନ୍ଦୀ ସମସ୍ୟା ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ତେଣୁ ଏହାର ସମାଧାନ ପାଇଁ ବିଧାୟକ ଦାବି ଉପସ୍ଥାପନ କରିଥିଲେ। ନିର୍ବାଚନମଣ୍ଡଳୀର ସମସ୍ୟା ବିଧାୟକ ଉଠାଇଥିବାରୁ ଏ ନେଇ ସାଧାରଣରେ ବିଧାୟକଙ୍କୁ ପ୍ରଶଂସା କରାଯାଇଛି।

# ଭୁଶୁଡ଼ିଲା ନିର୍ମାଣାଧୀନ ପାହାଚ କାନ୍ଥ

**ଛେଣ୍ଡିପଦା,୨୭।୭ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବାପୁଜୀ ମହାବିଦ୍ୟାଳୟରେ ଜିଲା ଖଣିଜ ପାଣ୍ଠିରୁ ନିର୍ମାଣାଧୀନ ଯୁକ୍ତ ୨ ବିଦ୍ୟାଳୟ କୋଠାର ପାହାଚ କାନ୍ଥ ଭୁଶୁଡ଼ିପଡ଼ିଛି। ସୂଚନା ଅନୁଯାୟୀ, ବାପୁଜୀ ମହାବିଦ୍ୟାଳୟର ଯୁକ୍ତ ୨ କୋଠା ପାଇଁ ମହାବିଦ୍ୟାଳୟ ପରିସରରେ ପ୍ରାୟ ୬କୋଟି ଟଙ୍କା ବ୍ୟୟରେ ନୂତନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ କୋଠାକୁ ଯାତାୟାତ କାଟିବା ପାଇଁ ୮ ଫୁଟ ଉଚ୍ଚତାରେ ଏକ ପାହାଚ ନିର୍ମାଣ କରାଯାଉଥିବା ବେଳେ କାନ୍ଥ ଭୁଶୁ ପଡିଛି। ବାଲି ପ୍ୟାକିଂ ଜାଗାରେ ମାଟି ପ୍ୟାକିଂ କରାଯାଇଥିବା ନେଇ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ଅଭିଯୋଗ କରିଛନ୍ତି। ଏ ନେଇ ବାପୁଜୀ ମହାବିଦ୍ୟାଳୟର ପୁରାତନ ଛାତ୍ର ଗୋପବନ୍ଧୁ ଗଡ଼ନାୟକ, କର୍ଣ୍ଣ ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ମଧ କରିଛନ୍ତି ।



# କାର୍‌ଗିଲ ବିଜୟ ଦିବସ ପାଳିତ



କାର୍‌ଗିଲ ବିଜୟ ଦିବସ ଅବସରରେ ଶୋଭାଯାତ୍ରା।

**ଅନୁଗୋଳ,୨୭।୭(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ସିଦ୍ଧାର୍ଥ ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ପ୍ରମୁଖ ଯୋଗଦେଇ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦମାନଙ୍କୁ ମନେ ପକାଇବା ସହ ତାଙ୍କ ବୀରତ୍ୱର କାହାଣୀ ଉପସ୍ଥାପନ କରିଥିଲେ। ଅନୁଗୋଳ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରି ମଶାଲ ଶୋଭାଯାତ୍ରାରେ ଅନୁଗୋଳ ସହର ପରିକ୍ରମା କରି ଶତାଧିକ ଭାଜପା କାର୍ଯ୍ୟକର୍ତ୍ତା ରାଜା ଛକ ନିକଟରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଦିଲୀପ ପ୍ରଧାନ, ବିଶ୍ୱଜିତ ମିଶ୍ର, ପର୍ଶୁରାମ ବାରିକ, ସମୀର ପରିଡ଼ା, ସରିତା ମିଶ୍ର, ରୋଜାଲିନ ଦାସ, ନମିତା ଦଳବେହେରା, ସୁଚିସ୍ମିତା ତ୍ରିପାଠୀ, ପ୍ରଦୀପ ପ୍ରଧାନ, କୈଳାସ ଚନ୍ଦ୍ର ପ୍ରଧାନ, ଭୀଷ୍ମ ପ୍ରଧାନ, ଗୋପବନ୍ଧୁ ଗଡ଼ନାୟକ, ଅକ୍ଷୟ ପାଦ ବେହେରାଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଜିଲା ସାରା ଭ୍ରମଣ କରିବ କୌଶଳ ରଥ

**ଅନୁଗୋଳ,୨୭।୭ (ଜ୍ୟୋତିରଞ୍ଜନ ସାହୁ)**

ତାଳଚେରସ୍ଥିତ ସରକାରୀ ଆଇଟିଆଇ ଠାରେ ଶନିବାର ପୂର୍ବାହ୍ନରେ କୌଶଳ ରଥର ଶୁଭାରମ୍ଭ ହୋଇଯାଇଛି। ଏହି ରଥକୁ ଜିଲା ନିୟୋଜନ ଅଧିକାରୀ ଦେବାଶିଷ ସାହୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚେର ସରକାରୀ ଆଇଟିଆଇ ଅଧ୍ୟକ୍ଷା ଶୁଭାଙ୍ଗି ମିଶ୍ର ଉପସ୍ଥିତ ଥିଲେ। ଏହି ରଥରେ ଅଭିଜ୍ଞତା ଥିବା ପ୍ରଶିକ୍ଷକଙ୍କ ଦ୍ୱାରା ଦକ୍ଷତା ଜନିତ ପ୍ରଶିକ୍ଷଣ ଓ ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶନ କରାଯିବା ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉଚ୍ଚମାନର କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ପରେ ଏହି ରଥ ତାଳଚେର ସ୍ଥିତ ଯୁବରାଜ ଉଚ୍ଚ ବିଦ୍ୟାଳୟ ଓ ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟଠାରେ ପରିଭ୍ରମଣ କରିଥିଲା ଓ ସବୁଠାରେ ଛାତ୍ରୀଛାତ୍ରମାନେ କୌଶଳ ରଥକୁ ସ୍ୱାଗତ କରିବା ସହ ଉତ୍କଣ୍ଠାର ସହ ଅତ୍ୟାଧୁନିକ କୌଶଳ ପଦ୍ଧତି ସମ୍ପର୍କରେ ପଚାରି ବୁଝିଥିଲେ। ଏହି ରଥ ଆଜିଠାରୁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।


କୌଶଳ ରଥର ଶୁଭାରମ୍ଭ କରାଯାଉଛି।

# ଭୂମି ପୂଜନ, ନୂତନ ଭତ୍ତା ବଣ୍ଟନ



**କଣିହାଁ,୨୭।୭(ସଚ୍ଚିଦାନନ୍ଦ ପ୍ରଧାନ)**

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନିର୍ମିତ କଲ୍ୟାଣମଣ୍ଡପରେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଙ୍ଗାଳି, ବଜ୍ରକୋଟ, କୁଲୁମା, ସୁସୁବା ଆଦି ପଞ୍ଚାୟତର ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ରେଙ୍ଗାଳି ସରପଞ୍ଚ ପ୍ରଭାତୀ ସେଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଦେବଦତ୍ତ ପ୍ରଧାନ, ଭାଜପା ଜିଲା ଉପସଭାପତି ନୃସିଂହ ଚରଣ ବରାଳ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ଅଧିକାରୀ ମୈଥିଳୀ ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ବିଧାୟକ ମହାନ୍ତି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ମଧ୍ୟାହ୍ନରେ ରେଙ୍ଗାଳି ଗ୍ରାମ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେହିପରି ଅପରାହ୍ନରେ କୁଲୁମା ପଞ୍ଚାୟତର କୁଲୁମା- ଖୁଣ୍ଡ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ମହାନ୍ତି, ଜିଲା ଭାଜପା ଉପସଭାପତି ବରାଳ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ପ୍ରଧାନ, ଧ୍ରୁବ ଚରଣ ଧୀର, ମଣ୍ଡଳ ସଭାପତି ତ୍ରିପୁରାରି ପ୍ରଧାନଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଯୋଗ ଦେଇଥିଲେ। ସରପଞ୍ଚ ଦୀପ୍ତିମୟୀ ବେହେରା ସଭାପତିତ୍ୱ କରିଥିଲେ। ଏହାପରେ ଏମ୍‌ପି ଓ ବିଧାୟକ କୁଲୁମା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଓଳନ୍ଦା ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଦିବାକର ପ୍ରଧାନ, ଚନ୍ଦନ ସ୍ୱରାଜ, ଜଗମୋହନ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ବିନୟ ପ୍ରଧାନ, ନିଶାକର ପ୍ରଧାନ, ଟିକନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଗୃହ ଉଦ୍‌ଘାଟନ, ସ୍ୱର୍ଣ୍ଣପଦକ ପ୍ରଦାନ

**ତାଳଚେର,୨୭।୭(ମନୋଜ ନନ୍ଦ)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ନୂତନ ଗୃହ ଉଦ୍‌ଘାଟନ ସହ ଚଳିତ ଶିକ୍ଷାବର୍ଷରେ ୧୬ଟି ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ଡ. ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ ନଗରପାଳ ପବିତ୍ର ଭୂତିଆ ଯୋଗଦେଇଥିଲେ। ତାଳଚେର ମହାବିଦ୍ୟାଳୟ ଶିକ୍ଷାକ୍ଷେତ୍ରରେ ଅବିଭକ୍ତ ଢେଙ୍କାନାଳ ଜିଲାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହାକୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଦିଗରେ ସମସ୍ତଙ୍କ ଆନ୍ତରିକ ଚେଷ୍ଟା ଓ ନିଷ୍ଠା ରହିବା ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହାପରେ ବିଭିନ୍ନ ବିଭାଗରେ ଶୀର୍ଷସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲଙ୍କ ତତ୍ତ୍ୱାବଧାନରେ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବା ସହ ଚଳିତ ଶିକ୍ଷାବର୍ଷରେ ଇଂଲିଶ, ଉଦ୍ଭିଦ ବିଜ୍ଞାନ, ଭୂତତ୍ତ୍ୱ, ଗଣିତ ଓ ଉଭୟ ଓଡ଼ିଆ ସ୍ନାତକ ଓ ସ୍ନାତକୋତର ଶ୍ରେଣୀର ପରୀକ୍ଷା ଫଳ ଶତ ପ୍ରତିଶତ ନିମନ୍ତେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଉତ୍ସବକୁ ନୃତତ୍ତ୍ୱ ବିଭାଗ ଅଧ୍ୟାପକ ଶଶାଙ୍କ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ସ୍ୱର୍ଣ୍ଣପଦକ ସହ ପ୍ରମାଣପତ୍ର ପାଇଥିବା ଛାତ୍ରୀଛାତ୍ରମାନେ।


ଓଡ଼ିଆ ବିଭାଗର ନୂତନ ଗୃହ ଉଦ୍‌ଘାଟନ କରାଯାଉଛି।

# କେନ୍ଦ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ନାଲ୍‌କୋ ପରିଦର୍ଶନ

**ନାଲ୍‌କୋ, ୨୭।୭ (ଲୁସି ରାଉତ)**

କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ର ମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦିନିକିଆ ଅନୁଗୋଳ ଜିଲା ଗସ୍ତରେ ଆସି ଶନିବାର ନାଲ୍‌କୋ ସିପିପି ଓ ସ୍ମେଲଟର କାରଖାନା ପରିଦର୍ଶନ କରିଛନ୍ତି। ଅପରାହ୍ନ ସାଢ଼େ ୨ଟାରେ ଶ୍ୱେତ ନିବାସ ଅତିଥି ଭବନ ଠାରେ ମନ୍ତ୍ରୀ ଦୁବେଙ୍କୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜିଲାପାଳ ମହମ୍ମଦ ଅବଦଲ ଅଖତାର, ନାଲ୍‌କୋ ସିଏମ୍‌ଡି ଡ. ଶ୍ରୀଧର ପାତ୍ର ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଠିକାଦାର ମନୋରଞ୍ଜନ ଜେନା, ସ୍ଥାନୀୟ ଭାଜପା ନେତା ଅନୀଲ ବେହେରା, ଅମୀୟ ତ୍ରିପାଠୀ, ରୋଜାଲିନ ଦାସ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ବଳରାମ ପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, ଆଲୁମିନିୟମ ମଜଦୁର ସଂଘ ସଭାପତି ମୁନା ସାମଲ, ସମ୍ପାଦକ ବିନୋଦ ସାମଲ, ନାଲ୍‌କୋ ଇଡି (ଏସ ଆଣ୍ଡ ପି) ଜିଜିଏମ୍ ଶୁଭେନ୍ଦୁ କୁମାର ନାୟକ, ଡିଜିଏମ୍ ରାଜାରାମ ମିଶ୍ର, ଏଜିଏମ୍ ସମୀର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ମେଲଟର କାରଖାନା, ସିପିପି କାରଖାନା, ଟାଉନଶିପ୍ ପରିସରରେ ଥିବା ନାଲ୍‌କୋ ଚିକିତ୍ସାଳୟ ପରିଦର୍ଶନ କରି ଖୁସିବ୍ୟକ୍ତ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ନାଲ୍‌କୋ କାରଖାନା ଓ ତାଳଚେର କୋଇଲା ଖଣି ସୁରକ୍ଷା ଓ ଉନ୍ନୟନ ସମ୍ବନ୍ଧିତ ସ୍ମାରକପତ୍ର ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରଦାନ କରାଯାଇଥିଲା। ନାଲ୍‌କୋ ଠିକା ମଜଦୁର ସମନ୍ୱୟ କମିଟି କାର୍ଯ୍ୟକର୍ତ୍ତା ବାବୁଲି ସେଠୀ, ଶଶାଙ୍କ ଶେଖର ସାମଲ, ବିନୟ ପାତ୍ର, ଭୀମସେନ ସାହୁ, ମଳୟ ପରିଡା, ପ୍ରସନ୍ନ ମହାନ୍ତି, ଅଶୋକ ଛୋଟରାୟ, ଅନିଲ ବରାଳ, ରଞ୍ଜିତ ସାମଲ ପ୍ରମୁଖ ଶ୍ରମିକଙ୍କ ସମସ୍ୟା ସମ୍ବଳିତ ଦାବିପତ୍ର ପ୍ରଦାନ କରି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।


କେନ୍ଦ୍ର ମନ୍ତ୍ରୀଙ୍କୁ ବିଧାୟକ ଓ ଅଧିକାରୀମାନେ ସ୍ୱାଗତ କରୁଛନ୍ତି।

# ପଛଘୁଞ୍ଚା ଦେଇନାହାନ୍ତି ଦିବ୍ୟାଙ୍ଗ ବିଦ୍ୟାଧର

**କାଳିପଦା, ୨୭।୭ (ରାଜଶ୍ରୀ ପାଣିଗ୍ରାହୀ)**



ପିଲା ଦିନରୁ ଇଚ୍ଛା ଥିଲା ଭଲ ପାଠ ପଢି ସମାଜସେବାରେ ନିଜକୁ ନିୟୋଜିତ କରିବେ। ମାତ୍ର ନିୟତି ଲେଖିଥିଲା କିଛି ଅଲଗା। ସବୁ ଆଶା ଆକାଂକ୍ଷା ପାଣି ଫୋଟକା ପରି ମିଳେଇ ଗଲା। ଅଜଣା ଜ୍ୱର ତାଙ୍କ ପାଇଁ ସାଜିଲା କାଳ। ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ମହିଷାମୁଣ୍ଡା ଗ୍ରାମର ବିଦ୍ୟାଧର ସାହୁ (୬୧) ପାଲଟିଗଲେ ଦିବ୍ୟାଙ୍ଗ। ଚଲାବୁଲା କରିପାରୁ ନ ଥିଲେ ମଧ ଲୋକଙ୍କ କାମ କରିବା ପାଇଁ କେବେ ବି ପଛଘୁଞ୍ଚା ଦେଇନାହାନ୍ତି। ସେ ଶୋଇ ରହି ଏକ ବାଡ଼ି ସାହାଯ୍ୟରେ ମୋବାଇଲ ନମ୍ବର ଡାଏଲ କରି ବନ୍ଧୁବାନ୍ଧବ, ଡାକ୍ତରଙ୍କ ପାଖକୁ ଯିବା ପାଇଁ ଗାଡି ବ୍ୟବସ୍ଥା ନିଜେ କରିପାରନ୍ତି। ଶହେରୁ ଅଧିକ ନମ୍ବର ତାଙ୍କ ମୁହଁରେ ଅଛି। ଶ୍ରାଦ୍ଧ ଶାନ୍ତି ହେଉ କି ଝିଅ ବାହାଘର ହେଉ ପାଞ୍ଜି ଦେଖି ତାରିଖ ନିର୍ଦ୍ଧାରଣ କରିପାରନ୍ତି। ଗାଁରେ କୌଣସି ସମସ୍ୟା ଉପୁଜିଲେ ମୁଖିଆମାନେ ମଧ ତାଙ୍କ ପାଖକୁ ପରାମର୍ଶ ପାଇଁ ଆସନ୍ତି। ଏଥିପାଇଁ ଗ୍ରାମବାସୀଙ୍କ ପାଖରେ ସେ ପ୍ରିୟଭାଜନ ହୋଇପାରିଛନ୍ତି।

ଜନ୍ମରୁ ସେ ବେଶ୍ ହୃଷ୍ଟପୁଷ୍ଟ ଥିଲେ। ପାଠ ଖେଳକୁଦରେ ମଧ ଅନ୍ୟ ପିଲାଙ୍କଠାରୁ ଆଗୁଆ ରହିଥିଲେ। ବିଦ୍ୟାଧର ହଠାତ୍ ଏକ ଅଜଣା ଜ୍ୱରରେ ପୀଡ଼ିତ ହେଲେ। ପରେ ତାଙ୍କର ଗୋଡ଼ ହାତ ସବୁ ଅକାମୀ ହୋଇଯାଇଥିଲା। ସେତେବେଳେ ପରିବାରର ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଲେ। ଚାଲିବା, ବସିବା ବୁଲିବା ପରିବର୍ତ୍ତେ ସେ କେବଳ ଦୀର୍ଘସମୟ ଧରି ଶୋଇରହିଲେ। ତାଙ୍କ ପରିବାର କହିଲେ ତାଙ୍କର ଜଣେ ବିଧବା ଭଉଣୀ, ବଡ଼ଭାଇ, ଭାଉଜ ଓ କେତେଜଣ ପୁତୁରା। ତାଙ୍କର ସେବା ଶୁଶ୍ରୁଷାରେ ଯେମିତି କିଛି ଅବହେଳା ନ ହୁଏ ସେଥିପାଇଁ ପରିବାର ସମସ୍ତେ ଯତ୍ନବାନ ବୋଲି ବିଦ୍ୟାଧର କହିଛନ୍ତି। ସରକାରଙ୍କଠାରୁ ଯାହା କିଛି ସହାୟତା ପାଉଛନ୍ତି ସେତକ ସମୁଦ୍ରକୁ ଶଙ୍ଖେ ପରି। ମେଡିକାଲ, ଔଷଧ, ଗାଡି ଭଡ଼ା ଦେବାରେ ବିଦ୍ୟାଧରଙ୍କ ଗୁଡ଼ାଏ ଖର୍ଚ୍ଚ ହୁଏ। ଦୀର୍ଘଦିନ ଶୋଇରହିବା ତାଙ୍କୁ ଏବେ ବହୁତ ଯନ୍ତ୍ରଣା ଦେଉଛି। ସେ ଗୋଟିଏ ସ୍ୱତନ୍ତ୍ର ଗାଡ଼ି ତାଙ୍କୁ ଦେବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି। ଯାହାଦ୍ୱାରା ସେ ଟିକେ ବାହାରେ ବୁଲାବୁଲି କରିପାରିବେ। ବିଦ୍ୟାଧରଙ୍କୁ ଉତ୍ତମ ଚିକିତ୍ସାର ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି।

## କଟର ମେଶିନ ବାଜି ଜଣେ ଗୁରୁତର



**ବଆଁରପାଳ, ୨୭।୭ (ସୁବାସ ସାହୁ)**

ବଆଁରପାଳ ଥାନା ଅନ୍ତର୍ଗତ ନୂଆହତା ଗ୍ରାମରେ କଟର ମେଶିନରେ ବାଉଁଶ କାଟୁଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ ଘଟିକା ବେଳେ ନୂଆହତା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୁଅ ସିଲୁ ବେହେରା (୩୦) ଘର କାର୍ଯ୍ୟ ପାଇଁ କଟର ମେଶିନ ସାହାଯ୍ୟରେ ବାଉଁଶ କାଟୁଥିବା ବେଳେ ମେଶିନଟି ହାତରୁ ଖସିଯାଇ ସିଲୁଙ୍କ ପେଟରେ ବାଜି ଯାଇଥିଲା। ଫଳରେ ସିଲୁ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଦୀର୍ଘସମୟ ଅଟକିଲା ଟ୍ରେନ୍, ଯାତାୟାତ ବାଧାପ୍ରାପ୍ତ

**ବଆଁରପାଳ, ୨୭।୭ (ସୁବାସ ସାହୁ)**

ଅନୁଗୋଳ ଜିଲା ବଆଁରପାଳ ବ୍ଲକ ଆଲୁମିନିୟମ ପାର୍କ ପ୍ରକଳ୍ପର ମୁଖ୍ୟ ରାସ୍ତାରେ ନାଲ୍‌କୋ ପ୍ଲାଣ୍ଟକୁ ଯାଇଥିବା ରେଳ ଧାରଣାରେ ଶନିବାର ନାଲ୍‌କୋର ଏକ ଟ୍ରେନ୍ ଦୀର୍ଘ ସମୟ ଧରି ଅଟକି ରହିବାରୁ ଶତାଧିକ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାତି ୮ଟା ସମୟରେ ନାଲ୍‌କୋ ପ୍ଲାଣ୍ଟକୁ ଯାଉଥିବା ପାଉଡର ବୋଝେଇ ୱାଗନ ଟ୍ରେନଟି କୌଣସି କାରଣବଶତଃ ଅଟକି ଯାଇଥିଲା। ଫଳରେ କୌଣସି ବିକଳ୍ପ ରାସ୍ତା ନ ଥିବାରୁ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ସହ ଯାତ୍ରୀମାନେ ଅଟକି ରହିଥିଲେ।

ପ୍ରକାଶ ଯେ, ପୂର୍ବରୁ ଏହି ରାସ୍ତା ନ ଥିବାରୁ ଗଡ଼ସନ୍ତ୍ରୀ, ତୁଳସୀପାଳ, ଲଇଙ୍ଗୁଲିଆବେଡା, କଙ୍କିନାଳୀ, ଅରହାଟ, ପୁଟିକିଆ ବାଉଳିଗଡ଼ ସମେତ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଗ୍ରାମର ଗ୍ରାମବାସୀ ବନ୍ଧା ଗ୍ରାମଦେଇ କିମ୍ବା ନାଲ୍‌କୋ ପାଚେରି ପାଖଦେଇ ଯାଇଥିବା ରାସ୍ତାରେ ୫୫ ନଂ ଜାତୀୟ ରାଜପଥରେ ପହଞ୍ଚୁଥିଲେ। ତେବେ ନାଲ୍‌କୋ ପାଚେରି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ଓ ବନ୍ଧା ଗ୍ରାମ ପାଖ ରାସ୍ତା ବହୁତ ବୁଲାଣି ହୋଇଥିବାରୁ ଅଞ୍ଚଳବାସୀ ଆଲୁମିନିୟମ ପ୍ରକଳ୍ପର ମୁଖ୍ୟରାସ୍ତାକୁ ଦୀର୍ଘବର୍ଷ ହେଲା ଯାତାୟାତ ପାଇଁ ବ୍ୟବହାର କରିଆସୁଛନ୍ତି। ଏହି ବାଟଦେଇ ଗ୍ରାମାଞ୍ଚଳର ନାଲ୍‌କୋ କର୍ମଚାରୀଙ୍କ ସମେତ ଅଞ୍ଚଳବାସୀ ବିଭିନ୍ନ କାମରେ ବାହାରକୁ ଯିବା ଆସିବା କରନ୍ତି। କିନ୍ତୁ ଏହି ପାଉଡର ବୋଝେଇ ଟ୍ରେନଟି ଉକ୍ତ ରାସ୍ତାରେ ଯାଇଥିବା ରେଳ ଧାରଣାରେ ଦୀର୍ଘ ସମୟ ଧରି ଅଟକିବାରୁ ଲୋକମାନେ ଲଗାଣ ବର୍ଷାରେ ଭିଜି ଯାଇଥିଲେ। କିଛି ଲୋକ ନିରୁପାୟ ହୋଇ ଫେରି ଯାଇଥିଲେ ଓ ନାଲ୍‌କୋରେ ନାଇଟ୍ ସିଫ୍ଟ ଥିବା କର୍ମଚାରୀମାନେ ମଧ ଫେରି ଯାଇଥିଲେ। ଏପରି କି ଗଡ଼ସନ୍ତ୍ରୀ ଗ୍ରାମର ଜଣେ ଗୁରୁତର ରୋଗୀ ଚିକିତ୍ସା ପାଇଁ ଅନୁଗୋଳ ଯିବାକୁ ଅଟୋରେ ଯାଉଥିବା ବେଳେ ଦୀର୍ଘସମୟ ଧରି ଅଟକି ରହିଥିଲେ। ଶେଷରେ ବାଧହୋଇ ଦୀର୍ଘ ୧୦ କିଲୋମିଟର ବୁଲି ବନ୍ଧା ଗ୍ରାମ ପାଖଦେଇ ଯାଇଥିଲେ। ଏହାକୁ ନେଇ ଉପସ୍ଥିତ ଲୋକମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପରିଲକ୍ଷିତ ହୋଇଥିଲା। ଦୀର୍ଘ ୩ ଘଣ୍ଟା ପରେ ରାତି ୧୦ଟା ୪୦ରେ ଟ୍ରେନଟି ଯିବାରୁ ରାସ୍ତାରେ ଗମନାଗମନ ସ୍ୱାଭାବିକ ହୋଇଥିଲା।



ଆଲୁମିନିୟମ ପାର୍କ ପ୍ରକଳ୍ପର ମୁଖ୍ୟ ରାସ୍ତାରେ ନାଲ୍‌କୋ ପ୍ଲାଣ୍ଟକୁ ଯାଇଥିବା ରେଳ ଧାରଣାରେ ଟ୍ରେନ୍‌ଟି ଅଟକି ରହିଛି।

## ରାଜ୍ୟ ସିନିୟର ଟିମ୍‌ରେ ଖେଳିବେ ଅନୁଗୋଳର ଶ୍ରେୟାଂଶ, ଟୁକୁନା



**ଅନୁଗୋଳ, ୨୭।୭ (ଜ୍ୟୋତିରଞ୍ଜନ ସାହୁ)**

ଗତ କ୍ରିକେଟ ଲିଗ୍‌ରେ ଦମଦାର ପ୍ରଦର୍ଶନ କରିଥିବା ଅନୁଗୋଳର କ୍ରିକେଟ୍ ଖେଳାଳି ଟୁକୁନା ସାହୁ ଓ ଶ୍ରେୟାଂଶ ଭରଦ୍ୱାଜ ଓଡ଼ିଶା ସିନିୟର ଟିମ୍‌ରେ ଖେଳିବେ। ଏ ନେଇ ଓଡ଼ିଶା କ୍ରିକେଟ୍ ଆସୋସିଏଶନ (ଓସିଏ) ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ଗତ ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଅନୁଗୋଳ ଜିଲାର ଟୁକୁନା ସିନିୟର୍ ଟିମ୍ ୨୦-୨୦ ମ୍ୟାଚ ଏବଂ ଅନ୍ୟ ମ୍ୟାଚଗୁଡ଼ିକ ପାଇଁ ଶ୍ରେୟାଂଶ ଭରଦ୍ୱାଜ ଖେଳିବେ।

# ରକ୍ତତୀର୍ଥ ତୁଡ଼ିଗଡିଆରେ କାର୍‌ଗିଲ ଶହୀଦଙ୍କ ସ୍ମୃତିଚାରଣ


ନେତୃବୃନ୍ଦଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

**ଖଇରା, ୨୭।୭ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ରକ୍ତତୀର୍ଥ ତୁଡ଼ିଗଡିଆରେ ଶୁକ୍ରବାର ସନ୍ଧ୍ୟାରେ ଭାଜପା ଯୁବମୋର୍ଚ୍ଚା ତରଫରୁ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶହୀଦ ସ୍ତମ୍ଭ ନିକଟରେ ରାଜ୍ୟ ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ଇଂ. ରାଜେଶ ମହାକୁଡ, ରାଜ୍ୟ କୃଷକମୋର୍ଚ୍ଚା ଉପସଭାପତି ମନୀଷା ଚିନ୍ମୟୀ ବେହେରା, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ରାଜ୍ୟ ଓବିସି ମୋର୍ଚ୍ଚା ସଦସ୍ୟ ଅଜୟ ବେହେରା, ବଜାର କମିଟି ସଭାପତି ବିଷ୍ଣୁମୋହନ ସାହୁ, ସମ୍ପାଦକ ବସନ୍ତ କୁମାର ସାହୁ ପ୍ରମୁଖ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରିବା ପରେ ଟାରାରୋପଣ ତଥା ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨୫୦ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଆୟୋଜିତ ସାଧାରଣ ସଭାରେ ଉପରୋକ୍ତ ନେତୃବୃନ୍ଦଙ୍କ ସହ ମଣ୍ଡଳ ସଭାପତି ମହେଶ୍ୱର ନାଥ, ବୁଲୁ ଲେଙ୍କା, କୈଳାସ ମାଝୀ, ନୃସିଂହ ସିଂ ପ୍ରମୁଖ ଉପସ୍ଥିତ ଶହୀଦମାନଙ୍କର ବୀରତ୍ୱର ଗାଥା ବଖାଣିଥିଲେ।

## କାର୍ ଧକ୍କାରେ ସାଇକେଲ ଚାଳକ ମୃତ

**ସାତମାଇଲ, ୨୭।୭ (ସୁଶାନ୍ତ ପତି)**

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର ବାଗଧରିଆ ନିକଟରେ ଶନିବାର ଅପରାହ୍ନରେ ଏକ କାର୍ ଧକ୍କାରେ ସାଇକେଲ ଚାଳକ ବୁହାଳୀପାଳ ଅଞ୍ଚଳର ଧରଣୀ ଗୋଛାୟତଙ୍କ ମୃତ୍ୟୁ ହୋଇଛି। କାର୍‌ରେ ଥିବା ୨ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବାଲିମୀ ଥାନା ଖଜୁରିଆକଟା ଅଞ୍ଚଳର କ୍ଷୀରୋଦ ନନ୍ଦ କାର୍ (ନଂ. ଓଡି୧୯ଜେ- ୫୦୧୫)ରେ କଟକ ଆଡ଼କୁ ଯାଉଥିବା ବେଳେ ଧରଣୀଙ୍କୁ ଧକ୍କା ଦେଇ ଗଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଧରଣୀଙ୍କ ମୃତ୍ୟୁ ହୋଇଥିଲା। କାର୍ ଚାଳକ କ୍ଷୀରୋଦ ଓ ଗାଡ଼ିରେ ଥିବା ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇ ହିନ୍ଦୋଳ ଉପଖଣ୍ଡ ମେଡିକାଲ ନିଆଯାଇଥିଲା। ସେଠାରୁ ଚାଳକଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଅନୁଗୋଳ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅନୁସନ୍ଧାନ ଚଳାଇଛି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା


ବିଧାୟକ ଶତ୍ରୁଘ୍ନ ଜେନାଙ୍କ ସହ ଅନ୍ୟମାନେ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

**ଭୁବନ, ୨୭।୭ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନାଙ୍କୁ ଶନିବାର ଭୁବନର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରୁଦ୍ରନାରାୟଣ ସାମଲ ସଭାପତିତ୍ୱ କରିଥିଲେ। କ୍ରୀଡ଼ା ଶିକ୍ଷକ ସାଗର ରାଉତ, ପୁରାତନ ଛାତ୍ର ସଂସଦ କୋଷାଧ୍ୟକ୍ଷ ଗଦାଧର ଦାସ, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୁରାତନଛାତ୍ର ମାତୃପ୍ରସାଦ ମିଶ୍ର, ବିଦ୍ୟାଳୟ ପରିଚାନା କମିଟି ସଭାପତି କେଦାର କୁମର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସାଗତ ଭାଷଣ ପ୍ରଦାନ କରିଥିଲେ। ବିଧାୟକ ଉକ୍ତ ବିଦ୍ୟାଳୟରେ ୬ ବର୍ଷ ଶିକ୍ଷାଲାଭ କରି କିପରି କ୍ରୀଡ଼ା କ୍ଷେତ୍ରରେ ନିଜର ଦକ୍ଷତା ହାସଲ କରିଥିଲେ ସେ ସମ୍ପର୍କରେ ଛାତ୍ରମାନଙ୍କୁ କହିଥିଲେ। ବିଦ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ସେହିପରି ଗୋଡିପାଟଣା ଉପ୍ରା ବିଦ୍ୟାଳୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବରିଷ୍ଠ ନାଗରିକ ସଙ୍ଗଠନ ଓ ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଙ୍ଗଠନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅନୁଗୋଳ ସହରର ରାଜା ଛକରେ ମହାରାଜା ସୋମନାଥ ସିଂହ ଜଗଦେବଙ୍କ ପ୍ରତିମୂର୍ତ୍ତି ୫ ଦିନ ହେଲା ଅନ୍ଧାରରେ ରହିଛି। (ଫଟୋ- ବୁବୁ)



ଢେଙ୍କାନାଳ ସହର ମହିଷାପାଟ ନିକଟ ହୋଟେଲ ନିରୁପମା ପରିସରେ ଶନିବାର ଓଡ଼ିଶା ରାଜ୍ୟ ବରିଷ୍ଠ ଫିଡେରେଟିଂ ଓପନ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିମାନେ।

